# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14 June - 2024**

**News Editor : *Tapan Kumar Moharana***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମଗୁଡ଼ିକର ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଲେ ବରିଷ୍ଠ ପ୍ରଶାସନିକ ଅଧିକାରୀ
- ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସପ୍ତଦଶ ଓଡ଼ିଶା ବିଧାନସଭାର କାମଚଳା ବାଚସ୍ପତି ଭାବେ ନେଲେ ଶପଥ
- ରଥଯାତ୍ରା ଏବଂ ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ପୁରୀରେ ଚାଲିଛି ଛତିଶାନିଯୋଗ କମିଟି ବୈଠକ

ଏବଂ

- 'ଦାନର ୨୦ ବର୍ଷର ଖୁସି ପାଳନ-ରକ୍ତଦାତାଙ୍କୁ ଧନ୍ୟବାଦ' ବାର୍ତ୍ତା ନେଇ ଆଜି  ଆଜି ସମଗ୍ର ବିଶ୍ୱରେ ପାଳନ କରାଯାଉଛି ବିଶ୍ୱ ରକ୍ତଦାତା ଦିବସ

## ମୁଖ୍ୟ ଶାସନ ସଚିବ-ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ବରିଷ୍ଠ ଅଧିକାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ସଚିବ, ଅର୍ଥ ସଚିବ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ବାବଦରେ ଅବଗତ କରାଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି.....

**- V/O –**

## କାମଚଳା ବାଚସ୍ପତି

ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସପ୍ତଦଶ ଓଡ଼ିଶା ବିଧାନସଭାର କାମଚଳା ବାଚସ୍ପତି ଭାବରେ ଆଜି ଶପଥ ଗ୍ରହଣ କରିଛନ୍ତି। ରାଜଭବନର ଅଭିଷେକ ହଲ୍‌ରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଶ୍ରୀ ସ୍ୱାଇଁଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଆସନ୍ତା ୧୮ ଓ ୧୯ ତାରିଖରେ ନବନିର୍ବାଚିତ ବିଧାୟକମାନଙ୍କୁ କାମଚଳ ବାଚସ୍ପତି ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଓଡ଼ିଶା ବିଧାନସଭାର ବାଚସ୍ପତି ଚୟନ ଆସନ୍ତା ୨୦ ତାରିଖରେ ହେବ ବୋଲି ଆମ ଭୁବନେଶ୍ୱର ସମ୍ବାଦଦାତା ଜଣାଇଛନ୍ତି।

ଅନ୍ୟପକ୍ଷରେ ଚଳିତ ମାସ ୨୬ ତାରିଖରେ ଲୋକସଭା ବାଚସ୍ପତି ଚୟନ ପାଇଁ ନିର୍ବାଚନ ହେବା ନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଷ୍ଟ୍ରପତି ସଂସଦର ଉଭୟ ଗୃହକୁ ଆସନ୍ତା ୨୭ ତାରିଖରେ ସମ୍ବୋଧିତ କରିବେ। ଏହା ପୂର୍ବରୁ କାମଚଳା ବାଚସ୍ପତି ଆସନ୍ତା ୨୪ ଏବଂ ୨୫ ତାରିଖରେ ନବନିର୍ବାଚିତ ଲୋକସଭା ସାଂସଦମାନଙ୍କୁ ଶପଥ ପାଠ କରାଇବେ।

## ମୁଖ୍ୟମନ୍ତ୍ରୀ-ମାଲ୍ୟାର୍ପଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ବକ୍ସି ଜଗବନ୍ଧୁ, ଚାଖି ଖୁଣ୍ଟିଆ, ଜୟୀ ରାଜଗୁରୁ, ଡକ୍ଟର ବି.ଆର. ଆମ୍ବେଦକର ଏବଂ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ସ୍ୱାଧୀନତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଆ ଅସ୍ମିତାର ସୁରକ୍ଷାରେ ଏହି ବରପୁତ୍ର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ରାଜ୍ୟ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମମାନ ଗ୍ରହଣ କରୁଛନ୍ତି ଏବଂ ଆଗାମୀ ଦିନରେ ଏହି ଧାରାକୁ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା ଏବଂ ମନ୍ତ୍ରୀମଣ୍ଡଳର ସଦସ୍ୟ ବିଧାୟକ-ବିଧାୟିକାମାନେ ଉପସ୍ଥିତ ଥିଲେ।

## ଭ୍ରାମ୍ୟମାଣ ଆମ୍ବୁଲାନ୍ସ

କେନ୍ଦୁଝର ଜିଲାର ଦୁର୍ଗମ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଅତ୍ୟାଧୁନିକ ଚିକିତ୍ସାସେବା ସୁବିଧା ଥିବା ଆମ୍ବୁଲାନ୍ସକୁ ସାଂସଦ ଅନନ୍ତ ନାୟକ ଲୋକାର୍ପଣ କରିଛନ୍ତି। ଭ୍ରାମ୍ୟମାଣ ଆମ୍ବୁଲାନ୍ସର ଉପଯୋଗିତାକୁ ଉପଲବ୍ଧି କରି ଆଗାମୀ ଦିନରେ ଅଧିକ ସଂଖ୍ୟାରେ ଏଭଳି ଅତ୍ୟାଧୁନିକ ଆମ୍ବୁଲାନ୍ସ ଜିଲ୍ଲାରେ ଯୋଗାଇ ଦିଆଯିବ ବୋଲି ସାଂସଦ ଶ୍ରୀ ନାୟକ କହିଛନ୍ତି। ଭ୍ରାମ୍ୟମାଣ ଆମ୍ବୁଲାନ୍ସରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ। ଏଥିସହ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଭିତରେ ଏକ ଓପିଡ଼ି ରହିଥିବାବେଳେ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ସହ ଆବଶ୍ୟକୀୟ ଔଷଧ ଉପଲବ୍ଧ ରହିବ ବୋଲି ଡାକ୍ତର ବ୍ରିଜେଶ ସିଂ ପ୍ରକାଶ କରିଛନ୍ତି।

## ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ରାଜେନ୍ଦ୍ରାଭିଷେକ ନୀତିଠାରୁ ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତି, ଶୃଙ୍ଖଳିତ ରଥାଯାତ୍ରାକୁ ନେଇ ଛତିଶାନିଯୋଗ ଓ ନୀତିକମିଟିର ବୈଠକ ବର୍ତ୍ତମାନ ଚାଲିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହେଉଛି। ଏଥିରେ ବିଭିନ୍ନ ଅଧିକାରୀଙ୍କ ସହ ଛତିଶାନିଯୋଗର ସେବାୟତମାନେ ବୈଠକରେ ଯୋଗଦେଇଛନ୍ତି। ବିଶେଷକରି ଆଗାମୀ ରଥଯାତ୍ରା ଦିନ ନବଯୌବନ ଦର୍ଶନ, ନେତ୍ରୋତ୍ସବ ପଡୁଥିବାରୁ ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହେଉଛି। ଏଥିସହ ୪ ଦ୍ୱାର ଦେଇ ସାଧାରଣ ଭକ୍ତଙ୍କ ପ୍ରବେଶ ଅନୁମତି ପରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ଚଳିତ ମାସ ୧୬ ତାରିଖରେ ଶ୍ରୀଜୀଉମାନଙ୍କର ରାଜେନ୍ଦ୍ରାଭିଷେକ ଏବଂ ୨୬ ତାରିଖରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ। ସେହିଭଳି ଜୁଲାଇ ମାସ ୭ ତାରିଖରେ ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ହେବ। ୧୩ ଦିନିଆ ପକ୍ଷ ପଡୁଥିବାରୁ ଗୋଟିଏ ଦିନରେ ଅଣସର ପରବର୍ତ୍ତୀ ଗୁପ୍ତନୀତି, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ହେବ।

## ଯୋଗ ଦିବସ

ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ମିଡିଆ ସମ୍ମାନ-୨୦୨୪ର ତୃତୀୟ ସଂସ୍କରଣ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନାମ ଘୋଷଣା କରାଯାଇଛି। ୩ଟି ଗଣମାଧ୍ୟମର ୩୩ ଜଣଙ୍କୁ ମିଡିଆ ସମ୍ମାନ ପ୍ରଦାନ କରାଯିବ। ଯୋଗକୁ ଦେଶ ଓ ବିଦେଶରେ ପ୍ରଚାର ଓ ପ୍ରସାର ପାଇଁ ଗଣମାଧ୍ୟମର ଭୂମିକାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ଏହି ସମ୍ମାନ ୨୦୧୯ ମସିହାରୁ ଆରମ୍ଭ କରାଯାଇଛି।

## ବାଣ ବିସ୍ଫୋରଣ-ହାବିଲଦାର ମୃତ

**କଟକ** ଗୋପାଳପୁର କାଠଯୋଡି ପଠାରେ ଜବତ ବାଣକୁ ନଷ୍ଟ କରୁଥିବା ସମୟରେ ବାଣ ବିସ୍ଫୋରଣ ଘଟି ଜଣେ ହାବିଲଦାର୍‌ଙ୍କ ମୃତ୍ୟୁ ଘଟିଛି। ବାଣ ନିଷ୍କ୍ରିୟକାରୀ ପୋଲିସ ଟିମ୍‌ର କିଛି ସଦସ୍ୟ ଆହତ ହୋଇଛନ୍ତି। ସଦର ଥାନା ଅନ୍ତର୍ଗତ ଏକ ପରିତ୍ୟକ୍ତ ଘରେ ବାଣକୁ ଜବତ କରାଯାଇଥିଲା। ଘଟଣାର ତଦନ୍ତ ପୋଲିସ୍ କରୁଛି ବୋଲି ଅତିରିକ୍ତ ପୋଲିସ୍ କମିଶନର ଅନୀଲ ମିଶ୍ର ସୂଚନା ଦେଇଛନ୍ତି।

# ରକ୍ତଦାତା ଦିବସ

ରକ୍ତଦାନର ମହତ୍ତ୍ୱ ଏବଂ ରକ୍ତଦାନକୁ ପ୍ରୋତ୍ସାହିତ କରିବା ସହିତ ରକ୍ତର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇବା ପାଇଁ ଆଜି ସମଗ୍ର ପୃଥିବୀରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରଯାଉଛି । ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟିନ୍' ବ୍ଲଡ଼୍‌ଗ୍ରୁପ୍ ଆବିଷ୍କାର କରିଥିଲେ । ଏଥିପାଇଁ ତାଙ୍କୁ ୧୯୩୦ ମସିହାରେ ନୋବେଲ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ମହାନ୍ ବୈଜ୍ଞାନିକଙ୍କର ଜନ୍ମ ଦିବସକୁ ସ୍ମରଣ କରିବା ପାଇଁ ଗତ ୨୦ ବର୍ଷ ଧରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ବିଶ୍ୱ ରକ୍ତଦାତା ଦିବସର ବାର୍ତ୍ତା ହେଲା **'ଦାନର ୨୦ ବର୍ଷର ଖୁସି ପାଳନ– ରକ୍ତଦାତାଙ୍କୁ ଧନ୍ୟବାଦ'** ।

**ବୌଦ୍ଧ** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଛି । ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲ ।

**ମାଲକାନଗିରି** ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲା ରକ୍ତ ଭଣ୍ଡାର କେନ୍ଦ୍ର ତରଫରୁ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏହି ଅବସରରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।

# ରଜ ପର୍ବ

ରାଜ୍ୟର କୃଷିଭିତ୍ତିକ ତିନିଦିନିଆ ଗଣପର୍ବ ରଜ ଆଜିଠାରୁ ଆରମ୍ଭ ହୋଇଛି । ଆସନ୍ତାକାଲି ରଜସଂକ୍ରାନ୍ତି ଏବଂ ତା' ପରଦିନ ଭୂମିଦହନ ପାଳନ କରାଯିବ । ଶୁଖିଲା ଭୂଇଁରେ ବର୍ଷାପାଣି ପଡ଼ିବା ପରେ ମାଟିର ପ୍ରଜନନ ଶକ୍ତି ବଢ଼ିଥାଏ । ସେଥିପାଇଁ ଏହି ତିନିଦିନ ଜମିରେ ଚାଷ କରାଯାଇନଥାଏ । ପରମ୍ପରା ଅନୁସାରେ ଏହି ତିନିଦିନ ବିଶ୍ରାମ ଏବଂ ମନୋରଞ୍ଜନର ସମୟ ହୋଇଥିବାରୁ ଗାଁଠୁ ପୁରପଲ୍ଲୀ ପର୍ଯ୍ୟନ୍ତ ରଜ ପାଳନ କରାଯାଇଥାଏ । ରଜରେ ଝିଅମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳି ଖେଳିଥାନ୍ତି । ପିଠାପଣା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଇଥାଏ । ରଜପର୍ବର ଚତୁର୍ଥ ଦିନରେ ବସୁମତୀ ସ୍ନାନ କରାଯାଇ ଏହି ପର୍ବ ଶେଷ ହୋଇଥାଏ । ରଜ ଅବସରରେ ରାଜ୍ୟବାସୀଙ୍କୁ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏବଂ **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

**ଦେବଗଡ଼** ଜିଲ୍ଲାର ପୁରପଲ୍ଲୀରେ ଆଜି ପହିଲି ରଜ ପାଳନ କରାଯାଉଛି । ଘରେଘରେ ପିଠାପଣା, ରଜପାନ ଓ ନୂଆ ଲୁଗା ପିନ୍ଧି ଝିଅମାନେ ରଜ ପର୍ବ ପାଳନ କରୁଛନ୍ତି । ଏଥିସହିତ ତିଳେଇବଣି ଓ ବାରକୋଟ୍ ବ୍ଲକ୍‌ର କେତେକ ଗ୍ରାମରେ କଣ୍ଢେଇ ବାହାଘର ଅନୁଷ୍ଠିତ ହେଉଛି । **ବୌଦ୍ଧ** ଜିଲ୍ଲାର ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ରଜପର୍ବ ପାଳନ କରୁଛନ୍ତି ।

## ରାସନ କାର୍ଡ-ଆଧାର ସଂଯୋଗୀକରଣ

ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ରାସନ୍ କାର୍ଡକୁ ଆଧାର ସହ ସଂଯୋଗ କରିବା ନିମନ୍ତେ ସମୟସୀମା ବୃଦ୍ଧି କରାଯାଇଛି । କେନ୍ଦ୍ର ସରକାର ଏଥିପାଇଁ ସମୟସୀମା ଚଳିତ ବର୍ଷ ସେପ୍ଟେମ୍ବର ୩୦ ତାରିଖ

ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ସମୟସୀମା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଥିଲା। ୨୦୧୭ ଫେବୃଆରୀରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ଲାଭ ପାଇବା ପାଇଁ ରାସନ କାର୍ଡକୁ ଆଧାର ସହ ସଂଯୋଗ କରିବା ବାଧ୍ୟତାମୂଳକ କରାଯାଇଥିଲା। ଏହି ସମ୍ପର୍କିତ ବିଜ୍ଞପ୍ତି ଅନୁଯାୟୀ, ହିତାଧିକାରୀମାନଙ୍କୁ ରାସନ କାର୍ଡକୁ ଆଧାର ସହ ସଂଯୋଗ କରିବାକୁ ପଡ଼ିବ। ଯଦି ଆଧାର ନଥାଏ ତେବେ ହିତାଧିକାରୀଙ୍କୁ ଆବେଦନ କରିବାକୁ ପଡ଼ିବ।

## ମୌସୁମୀ ବର୍ଷା

ରାଜ୍ୟରେ ଆସନ୍ତା ସପ୍ତାହରୁ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ମୌସୁମୀ ବର୍ତ୍ତମାନ କୋରାପୁଟରେ ସକ୍ରିୟ ରହିଥିବାବେଳେ ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଆଗକୁ ଅଗ୍ରସର ହେବ। ଫଳରେ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ। ରାଜ୍ୟର ଉପକୂଳ ଅଂଚଳରେ ପ୍ରାକ୍ ମୌସୁମୀ ବର୍ଷା ହୋଇଥିଲେ ମଧ୍ୟ ଗୁଳୁଗୁଳି ଜାରି ରହିଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଅଛି। ଏଥିସହ ଆସନ୍ତା ୨୪ ଘଂଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶା ସହ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

*******************************